ସ୍ଥାନ ରୋକିବାକୁ ଦାବି ହୋଇଛି ।

16.04.04

# ଓଡ଼ିଶା ରିଲିଫ୍ କୋଡ୍ ସମ୍ବନ୍ଧରେ ଜିଲ୍ଲାସ୍ତରୀୟ କର୍ମଶାଳା

ବରୀ : ଓଡ଼ିଶା ରିଲିଫ୍ କୋଡ୍‌ରେ ବ୍ୟାପକ ପରିବର୍ତ୍ତନ କରିବା ନିମନ୍ତେ ବିରଜା ପାଠଶାଳାଠାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ କର୍ମଶାଳାରେ ମତପ୍ରକାଶ ପାଇଛି । ବିପର୍ଯ୍ୟୟ ସମୟରେ ବିପନ୍ନମାନଙ୍କୁ ସଂପୂର୍ଣ୍ଣ ମାନବିକ ମର୍ଯ୍ୟାଦା ପ୍ରଦାନ କରିବା ନିମନ୍ତେ ସରକାରୀ ତଥା ବେସରକାରୀ ସ୍ତରରେ ବିଧିବଦ୍ଧ ଉଦ୍ୟମ କରିବା ଏକାନ୍ତ ଆବଶ୍ୟକ ବୋଲି ବିଶିଷ୍ଟ ବକ୍ତାମାନେ ମତପ୍ରକାଶ କରିଥିଲେ ।

ସ୍ୱେଚ୍ଛାସେବୀ ସଙ୍ଗଠନ ପଲ୍ଲିଶ୍ରୀ ଦ୍ୱାରା ଆୟୋଜିତ ଉକ୍ତ ସଭାରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷଙ୍କ ତରଫରୁ ଡେପୁଟି ଜେନେରାଲ୍ ମ୍ୟାନେଜର ଜ୍ଞାନରଂଜନ ଦାଶ, ହିମାଂଶୁ ପଟ୍ଟନାୟକ, ଓଡ଼ିଶା ବିପର୍ଯ୍ୟୟ ପ୍ରଶମନ ମିସନ ତରଫରୁ ଶ୍ୟାମଳ କିଶୋର ଦାଶ, ଜିଲ୍ଲା ସଂଯୋଜକ ମଧୁସୂଦନ ଦାଶ, ମିଳିତ ଜାତିସଂଘ ବିକାଶ କାର୍ଯ୍ୟକ୍ରମର ପ୍ରକଳ୍ପ ଅଧିକାରୀ ସିମାଞ୍ଚଳ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ । ପଲ୍ଲୀଶ୍ରୀ ସଂପାଦକ ପ୍ରଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସଂଯୋଜକ ସରୋଜ କୁମାର ଦାସ ସ୍ୱାଗତ ଭାଷଣ ଦେଇଥିଲେ । ବ୍ଲକ୍ ସଂଯୋଜକ ସୁରେଶ ଚନ୍ଦ୍ର ଜେନା କର୍ମଶାଳାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲାବେଳେ ରଶ୍ମିରେଖା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

16.04.04